**ଝାଡ଼ା ବାନ୍ତିରେ ୧୫ ଅସୁସ୍ଥ**

ଭଞ୍ଜନଗର(ବାବୁଲା ପ୍ରଧାନ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଡକୋଦଣ୍ଡା ଏବଂ ଟୋକାଗଣ୍ଡାରେ ରବିବାର ଝାଡ଼ା ବାନ୍ତିରେ ପ୍ରାୟ ୧୫ ଜଣ ଅସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦ ଜଣ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। କେଉଁ ପରିସ୍ଥିତିରେ ସେମାନେ ଆକ୍ରାନ୍ତ ହେଲେ ତାହା ସଠିକ ଭାବେ ଜଣାପଡ଼ିନାହିଁ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ପରୀକ୍ଷା କରିଛନ୍ତି । କୌଣସି ଭୋଜି ଖାଦ୍ୟ ଖାଇ ଲୋକେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ସୋମବାର ବିଭିନ୍ନ ପରୀକ୍ଷା ରିପୋର୍ଟ ଆସିବା ପରେ ଆକ୍ରାନ୍ତ ର କାରଣ ଜଣାପଡିବ। ଅସୁସ୍ଥମାନେ ହେଲେ ରଞ୍ଜନ ସ୍ୱାଇଁ, ଗୋପାଳ କୃଷ୍ଣ ସ୍ୱାଇଁ, ସନ୍ତୋଷ ପାଢ଼ୀ, ସୁକାନ୍ତି ସାହୁ, ଗଙ୍ଗାଧର ପ୍ରଧାନ, ବିଜୟ କୁମାର ବିଷୋୟୀ, ସଂଯୁକ୍ତା ପ୍ରଧାନ ପ୍ରମୁଖ।

# ଗୋପାଳପୁର-ସମ୍ବଲପୁର ରେଳ ଲାଇନ ଦାବି

## କେନ୍ଦ୍ର ଦେଉ ନଦେଉ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରନ୍ତୁ

ଭଞ୍ଜନଗର,୩୦।୬(ବାବୁଲା ପ୍ରଧାନ)

ଭଞ୍ଜନଗର ବାର ଆସୋସିଏସନ କାର୍ଯ୍ୟାଳୟ ପରିସରରେ ରବିବାର ଗୋପାଳପୁର-ସମ୍ବଲପୁର ରେଳ ଲାଇନ ଦାବି ନେଇ ଏକ ବୈଠକ ହୋଇଥିଲା। ବୈଠକରେ ବାର ଆସୋସିଏସନ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ ଅଧକ୍ଷତା କରିଥିଲେ। ସଂଶୋଧିତ ଡିପିଆର୍‌କୁ ତୁରନ୍ତ କାର୍ଯ୍ୟକାରି କରିବା, ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନିତ କରିବା, ପ୍ରକଳ୍ପ ପାଇଁ ବଜେଟରେ ପର୍ଯ୍ୟାପ୍ତ ଅନୁଦାନ ବ୍ୟବସ୍ଥା କରିବା ପାଇଁ ବିଶେଷ ଭାବେ ଦାବି ହୋଇଥିଲା। ଗତିଶୀଳ ଯୋଜନାରେ ଉକ୍ତ ପ୍ରକଳ୍ପ କରିବା ପାଇଁ ନିଷ୍ପତ୍ତି ହୋଇଛି। ତେଣୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଅଂଶଧନରେ ପ୍ରକଳ୍ପ ହେବ। କେନ୍ଦ୍ର ଅନୁଦାନ ଦେଉ ନ ଦେଉ ରାଜ୍ୟ ସରକାର ତୁରନ୍ତ ଉକ୍ତ ପ୍ରକଳ୍ପ ପାଇଁ ବଜେଟରେ ପର୍ଯ୍ୟାପ୍ତ ଅନୁଦାନ ବ୍ୟବସ୍ଥା କରି କାର୍ଯ୍ୟ ଆରମ୍ଭ କରିବାକୁ ବରିଷ୍ଠ ଆଇନଜୀବୀ ଡ. ସୁଶାନ୍ତ ତ୍ରିପାଠୀ ଦାବି କରିଛନ୍ତି। ବାର ଆସୋସିଏସନ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ କହିଥିଲେ ଯେ, ଦାବି ହାସଲ କରିବାକୁ ହେଲେ ଆବଶ୍ୟକ ପଡିଲେ ଗଞ୍ଜାମ, କନ୍ଧମାଳ ଜିଲା ବନ୍ଦ ଡାକରା ଦେବା। ଚାପ ନ ପଡିଲେ କେହି କଥା ଶୁଣିବେ ନାହିଁ। ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ପ୍ରକଳ୍ପ କାର୍ଯ୍ୟ କିଭଳି ଅଗ୍ରଗତି ହେବ ସେନେଇ ଅବଗତ କରାଯାଇଛି। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସମ୍ପାଦକ କହିଥିଲେ। ସଭାପତି ଶ୍ରୀ ସାହୁ କହିଥିଲେ ପ୍ରକଳ୍ପ କାର୍ଯ୍ୟ କିଭଳି ଅଗ୍ରଗତି ହେବ ସେ ନେଇ ଆଗାମୀ ଦିନରେ ରେଳମନ୍ତ୍ରୀ, ପ୍ରକଳ୍ପ ଅଞ୍ଚଳର ବିଧାୟକ, ଲୋକସଭା ସଦସ୍ୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ପୂର୍ବତନ ଡିସିସି ସଭାପତି ସନ୍ତୋଷ ନାୟକ କହିଥିଲେ, ରାଜନୈତିକ ଇଚ୍ଛାଶକ୍ତି ରହିଲେ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇପାରିବ। ସୂଚନାକର୍ମୀ ବି ଶଙ୍କର ପାତ୍ର କହିଥିଲେ ଆନ୍ଦୋଳନ ଯେତେ ତୀବ୍ରତର ହେବ ପ୍ରକଳ୍ପ କାର୍ଯ୍ୟ ସେତେ ଜଲ୍‌ଦି ଆରମ୍ଭ ହେବ। ଏହାକୁ ଆଖି ଆଗରେ ରଖି ନିଷ୍ପତ୍ତି ନେବାକୁ ପଡିବ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଗୌଡ, ସୋମନାଥ ନାୟକ, ସୁବ୍ରମଣ୍ୟମ ରାଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସୁଧୀର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋଜ ପଟ୍ଟନାୟକ, ତ୍ରିନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ବୈଠକରେ ଜିଲାର ବିଭିନ୍ନ ବାର ଆସୋସିଏସନ କର୍ମକର୍ତ୍ତା, ସମାଜସେବୀ, ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଗାର୍ଡୱାଲ ଉପରେ ଚଢ଼ିଗଲା ଟ୍ରକ



ଦୁର୍ଘଟଣାଗ୍ରସ୍ତ ଟ୍ରକ।

ଖଲ୍ଲିକୋଟ,୩୦।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ମା' ନାରାୟଣୀ ଛକ ନିକଟ ଜଳି ଶଙ୍ଖ ଗାର୍ଡୱାଲ ଉପରେ ରବିବାର ଏକ ଟ୍ରକ ଚଢ଼ି ଯାଇଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଟ୍ରକ ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଟ୍ରକଟିର ବିଭିନ୍ନ ଅଂଶ ଭାଙ୍ଗି ଚୁରମାର ହୋଇଯାଇଛି। ସୌଭାଗ୍ୟବଶତଃ ଡ୍ରାଇଭର କିମ୍ବା କୌଣସି ପଥଚାରୀ ମୃତାହତ ହୋଇନାହାନ୍ତି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ବିଧାୟକଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା

ପାତ୍ରପୁର,୩୦।୬(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଶିକ୍ଷକ ଭବନଠାରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ତରଫରୁ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ସଂଘ ସଭାପତି ବି. ରାମାରାଓ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଷମା କୁମାରୀ ନନ୍ଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷ ଅନାଦି ଚରଣ ପଣ୍ଡିତ, ସରପଞ୍ଚ ସଦାନନ୍ଦ ନାୟକ, ସମ୍ପାଦକ କେ. ମୋହନ ରାଓ, ଅବସରପ୍ରାପ୍ତ ଶିକ୍ଷକ ଏ. କେଶବ, ମଧୁସୂଦନ ମହାନ୍ତି, ରାଜୀବଲୋଚନ ପ୍ରଧାନ, ସୀମାଞ୍ଚଳ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ରୀୟ ହାରରେ ଦରମା, ପ୍ରାଥମିକ ଶିକ୍ଷାରେ ଠିକା ପ୍ରଥା ଉଚ୍ଛେଦ, ପୁରୁଣା ପେନ୍‌ସନ ପ୍ରଦାନ ଓ ତେଲୁଗୁ ଶିକ୍ଷକ ନିଯୁକ୍ତି ଭଳି ଶିକ୍ଷକମାନଙ୍କ ମୌଳିକ ସମସ୍ୟାକୁ ବିଧାନସଭାରେ ସ୍ୱର ଉତ୍ତୋଳନ କରିବା ପାଇଁ ନିବେଦନ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଭାବେ ଟୁଟୁ ପ୍ରଧାନ ଓ ଉପସଭାପତି ଭାବରେ ଗିରିଜା ଶଙ୍କର ନାୟକଙ୍କୁ ଚୟନ କରାଯାଇଥିଲା। ଶିକ୍ଷକ ବେଣୁ ଗୋପାଳ ପାଢ଼ୀ, ଡି. ଛତ୍ରପତି ଚୌଧୁରୀ, ସଞ୍ଜୀବ କୁମାର ମହାପାତ୍ର, ଦୀପକ ପଣ୍ଡା, ଶିବାଜୀ ପ୍ରଧାନ, ଅନନ୍ତ ନାୟକ, ସଙ୍ଗୀତା ପଟ୍ଟନାୟକ, ରାମେଶ୍ୱରୀ ସାହୁଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମିଡିଆ କ୍ଲବର ସାଧାରଣ ବୈଠକ

ବୁଗୁଡ଼ା,୩୦।୬(କାଳିଚରଣ ଦାଶ)

ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ବୁଗୁଡ଼ା ମିଡ଼ିଆ କ୍ଲବର ସାଧାରଣ ବୈଠକ ସଭାପତି ଅନିଲ ପଟ୍ଟନାୟକଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆୟବ୍ୟୟ ସମୀକ୍ଷା, ଆଗାମୀ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅନିଲ ପଟ୍ଟନାୟକ ଓ ଉପସଭାପତି ଭାବେ ମନୋରଞ୍ଜନ ଦାଶ ମନୋନୀତ ହୋଇଥିବା ବେଳେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ସମ୍ପାଦକ, ହର ପ୍ରସାଦ ପାଢ଼ୀ ସହସମ୍ପାଦକ, ବିଶ୍ୱ ମୋହନ ମିଶ୍ର କୋଷାଧକ୍ଷ ଓ କାଳୀ ଚରଣ ଦାଶ ଉପଦେଷ୍ଟା ଭାବେ ପୁଣି ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ବୈଠକରେ ସଦସ୍ୟ ଅଭୟ ପ୍ରସାଦ ପାଣିଗ୍ରାହୀ, ସଞ୍ଜିବ କୁମାର ତ୍ରିପାଠୀ, ଏସ୍.ଶିବ ପ୍ରସାଦ ଦୋରା ଉପସ୍ଥିତ ଥିଲେ। ରାମ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ଧରାକୋଟ,୩୦।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ବିଦ୍ୟୁତ ସେବାରେ ସଂସ୍କାର ଆଣିବା ପାଇଁ ଟାଟା ପାୱାର ଯଥାସମ୍ଭବ ଉଦ୍ୟମ ଜାରିରଖିଛି। କିନ୍ତୁ ଧରାକୋଟ ବଜାର ନିକଟସ୍ଥ ବୋର୍ଡ ସ୍କୁଲ ପାର୍ଶ୍ୱରେ ଥିବା ଟ୍ରାନସଫର୍ମରଟି ମୁକୁଳା ପଡିଛି। ଏହା ଆଗରେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ରହିଥିବା ଯୋଗୁଁ ପ୍ରତିଦିନ ଗାଡ଼ି ମୋଟରଠାରୁ ଆରମ୍ଭ କରି ସାଧାରଣ ଜନତା ଯାତାୟାତ କରିଥାନ୍ତି। ସେହିପରି ଗୋଟିଏ ପଟେ ବିଦ୍ୟାଳୟ ରହିଥିବା ବେଳେ ଅନ୍ୟପଟେ ଚାହା ଦୋକାନ ରହିଛି। ଏଣୁ ସବୁବେଳେ ଟ୍ରାନସଫର୍ମର ନିକଟରେ ଗହଳଚହଳ ଲାଗି ରହୁଛି। ଫଳରେ କେତେବେଳେ ଯେ କିଛି ଅଘଟଣ ଘଟି ଧନ ଜୀବନ ନଷ୍ଟ ହେବ ତାହା କହି ହେଉନାହିଁ। ଏଣୁ ଟାଟା ପାୱାର କମ୍ପାନୀ ଏହି ଟ୍ରାନସଫର୍ମର ଚାରିପଟେ ସୁରକ୍ଷା ବଳୟ ତିଆରି କରିବା ପାଇଁ ଦାବି କରିଛନ୍ତି।

# ବ୍ରହ୍ମାକୁମାରୀସ୍ ପକ୍ଷରୁ ଚୈତନ୍ୟ ନବଦୁର୍ଗା ଦର୍ଶନ



ଛତ୍ରପୁର, ୩୦।୬ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ରହ୍ମକୁମାରୀସ ଶାନ୍ତି ଅନୁଭୂତି ଭବନ ତରଫରୁ ଆୟୋଜିତ ଚୈତନ୍ୟ ଝାଙ୍କିରେ ନବଦୁର୍ଗା ବେଶ ଦର୍ଶନ କରିବାକୁ ମିଳିଥିଲା। ଏହି ନବଦୁର୍ଗା ଝାଙ୍କି ଛତ୍ରପୁର ଉପ ସେବାକେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ବିଜୟା ଲକ୍ଷ୍ମୀ ଭଉଣୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ ଉଦଘାଟନ କରିଥିଲେ। ଏହି ନବଦୁର୍ଗା ଝାଙ୍କିର ମହତ୍ତ୍ୱ ଏହାଥିଲା ଯେ ସ୍ୱୟମ ପରମପିତା ପରମାତ୍ମା ଏହି ଧରାପୃଷ୍ଠରେ ଅବତରଣ କରି ଯେଉଁ ଅଲୌକିକ ଶିକ୍ଷା ସହ ସହଜ ରାଜଯୋଗର ଅଭ୍ୟାସ କରାଉଛନ୍ତି ତାହା ଆଗାମୀ ସତ୍ୟଯୁଗରେ ଆମେ ଦେବୀ ଦେବତା ରୂପରେ ଜନ୍ମଗ୍ରହଣ କରିବା। ଦୁନିଆରେ ଆମେ ବିଭିନ୍ନ ପ୍ରକାର ଜଡ ମୂର୍ତ୍ତୀ ପାଖକୁ ଯାଇ ମୁଣ୍ଡିଆ ମାରନ୍ତି କିନ୍ତୁ ବାସ୍ତବରେ ଆମେ ହିଁ ସେହି ଚୈତନ୍ୟ ନବଦୁର୍ଗା ଏହି କଥାକୁ ଆମେ ଭୁଲିଯିବା କାରଣରୁ ଦୁଃଖ ଅଶାନ୍ତିରେ କାଳାତିପାତ କରୁଛନ୍ତି। ପୁଣି ଆମକୁ ଶୁଖ ଶାନ୍ତି ଦୁନିଆକୁ ନେବା ପାଇଁ ପରମାତ୍ମା ଶିବଙ୍କର ସନ୍ଦେଶ ବୋଲି ଆଲୋକପାତ କରିଥିଲେ ରାଜ ଯୋଗିନୀ ବ୍ରହ୍ମାକୁମାରୀ ଲିଜା। ହିଞ୍ଜିଳିକାଟୁ ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ହେମଲତା ଅତିଥିଙ୍କୁ ଈଶ୍ୱରୀୟ ଉପହାର୍ ଦେଇଥିବା ବେଳେ ମଞ୍ଚ ପରିଚାଳନା ବ୍ରହ୍ମାକୁମାର ବାଳକୃଷ୍ଣ କରୁଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୩୦।୬ (ଗିରିଧାରୀ ପରିଚ୍ଛା)

ସରକାରୀ ଉଚ୍ଚ ବିଦ୍ୟାଳୟ, ଜାଜପୁର, ବ୍ଲକର ପୂର୍ବତନ ବିଜ୍ଞାନ ନିରୀକ୍ଷକ ତଥା ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳାଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ଓଷ୍ଟା ସଂପାଦକ ପ୍ରଫୁଲ୍ଲ ମହାନ୍ତି, ଜିଲା ବିଜ୍ଞାନ ନରୀକ୍ଷକ ଏ ରବି କୁମାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ। ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେଇ ସଭାପତିତ୍ୱ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଦିଗପହଣ୍ଡି,୩୦।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଦୀର୍ଘ ୪ ଦିନ ଧରି ଚାଲିଥିବା ସଙ୍କୁଳ ସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ପଟ୍ଟନାୟକ, ଜିଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା , ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସଙ୍କୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ବିଭିନ୍ନ ପାଠ୍ୟକ୍ରମ ସହ ବୌଦ୍ଧିକ, ଆଧାତ୍ମିକ, ଶାରିରୀକ ଅଗ୍ରଗତି ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଶିଶୁ ବିଦ୍ୟାମନ୍ଦିର ସଙ୍କୁଳ ସ୍ତରୀୟ ବିଭିନ୍ନ ବିଦ୍ୟାମନ୍ଦିରର ୨ ଶହରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟା ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ। କର୍ମଶାଳା ଉଦ୍‌ଘାଟନୀ ଦିବସରେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଆଚାର୍ଯ୍ୟ ଜାନକୀ ବଲ୍ଲଭ ବିଷୋୟୀ, ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ନିରଞ୍ଜନ ବିଷୋୟୀଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ବୃନ୍ଦ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

# ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଫୁଲବାଣୀ, ୩୦।୬(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜ ବାଳା ଆଚାର୍ଯ୍ୟଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଏସ୍‌ଡବ୍ଲ୍ୟୁଓ ଆଚାର୍ଯ୍ୟଙ୍କୁ ପ୍ରଶଂସା କରିଥିଲେ। ନୂତନ ସମାଜ ମଙ୍ଗଳ ଅଧିକାରୀ ଭାବେ କ୍ରିଷ୍ଣା ପଣ୍ଡା ଦାୟିତ୍ୱ ତୁଲାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଟିକାବାଲି ସିଡିପିଓ ପାନମନି ହାଁସଦା, ଖଜୁରିପଡ଼ା ସିଡିପିଓ ବୈଜୟନ୍ତୀ ମଲ୍ଲିକ, କୋଟଗଡ଼ ସିଡିପିଓ ହରି ଲକ୍ଷ୍ମୀ ପୂଜାରୀ, ଫିରିଙ୍ଗିଆ ସିଡିପିଓ ନିବେଦିତା ପ୍ରଧାନ, ବାଲିଗୁଡ଼ା ସିଡିପିଓ ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ବିଜୟ ଶୋଭାଯାତ୍ରା



ପାରଳାଖେମୁଣ୍ଡି, ୩୦।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ନବ ନିର୍ବାଚିତ ବିଜେଡ଼ି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ବିଜୟୀ ପରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଗୁମ୍ମା ବ୍ଲକରେ ବିଜୟୀ ଶୋଭାଯାତ୍ରା କରିଛନ୍ତି ଦଳୀୟ କର୍ମୀମାନେ। ଦଳୀୟ କର୍ମୀମାନଙ୍କ ସହ କୃଷ୍ଣଚନ୍ଦ୍ରପୁରଠାରୁ ଏକ ଶୋଭାଯାତ୍ରାରେ ବାହାରି ଆଶ୍ରୟଗଡ଼, ଗୁମ୍ମା ଖ୍ରୀଷ୍ଟିଆନ ସାହି, ଗୁମ୍ମା ପାଇକ ସାହିରେ ପହଞ୍ଚ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିଥିଲେ। ପରେ କୁତାମ, ପାତିମୂଳ କଲୋନୀ ଓ ହାଟପଦା ଛକ ଦେଇ ସହର ପରିକ୍ରମା କରିଥିଲେ। ବିଧାୟକ ପାଣିଗ୍ରାହୀ କହିଛନ୍ତି ଯେ ଗୁମ୍ମା ବ୍ଲକର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବି ଏବଂ ଗୁମ୍ମା ବ୍ଲକକୁ ଆଦର୍ଶ ବ୍ଲକ ଭାବେ ଗଢିବି। ଏହି ଶୋଭାଯାତ୍ରାରେ ପ୍ରୀତମ ପାଳ, ଅଜୟ ଜେନା, ସୁବାଶିଷ ଏଡ଼ଲା, କୁମାର ପାଣି, ନିରୋଜ ସ, ମଇକେଲ ସ ପଟ୍ଟନାୟକ, ଡ଼ି ଆପା ରାଓ, ଗୀତାଞ୍ଜଳି ବର୍ଦ୍ଧନଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

# ଜିଲା ଲେଖକ ସାମ୍ମୁଖ୍ୟର ସୃଜନ ସାହିତ୍ୟ ଆସର




ଫୁଲବାଣୀ, ୩୦।୬(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ମାସାନ୍ତ ସୃଜନ ସାହିତ୍ୟ ଆସର ଗୋଛାପଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବନବିହାରୀ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋଛାପଡ଼ାର ବିଶିଷ୍ଟ ସାହିତ୍ୟିକ ଶେଖ କୁରେଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ବିଶିଷ୍ଟ ସାହିତ୍ୟିକ ଡା. ନିରଦ ଚନ୍ଦ୍ର କହଁର ଓ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି, କନ୍ଧମାଳର ସାରସ୍ୱତ ପ୍ରତିଭା ତଥା ବରିଷ୍ଠ କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପିକା ଜ୍ୟୋତିର୍ମୟୀ କହଁର, ଅଧାପିକା ହରପ୍ରିୟା ମିଶ୍ର, କବି ବି.କେ. କମଳଙ୍କ ସଂଯୋଜନାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କବି ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସାମ୍ମୁଖ୍ୟର ସହ ସମ୍ପାଦକ କୈଳାସ ଚନ୍ଦ୍ର ଧଳ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଙ୍ଗଠନ ସମ୍ପାଦକ ପ୍ରସନ୍ନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କବିତା ଆସରରେ ଗୋଛାପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ସ୍ୱରଚିତ କବିତା ପାଠ କରିଥିବା ବେଳେ ବର୍ଷିଆନ୍ କବି ଦୁର୍ଯ୍ୟୋଧନ ପ୍ରଧାନ, ସୋମନାଥ ସାହୁ, ଲିଙ୍ଗରାଜ ହୋତା, ମୋହନ ଦିଗାଲ, ନାଭିଦତ୍ୟ ଦିଗାଲ, ଲକ୍ଷ୍ମଣ ରଣା, କେମ ଦିଗାଲ, ସାରସ୍ୱତ କହଁର, ଅର୍ଜୁନ କହଁର, ନିରୁପମା ମଣ୍ଡଳ, ପୁଷ୍ପାଳି ଦିଗାଲ, ବନିତା ପଟ୍ଟନାୟକ, ଉତ୍ପଳ ସାହୁ, ଗୋକୁଳାନନ୍ଦ କହଁର, ରାଜପତି କହଁର, କୃଷ୍ଣଚନ୍ଦ୍ର ମହାକୁଡ଼, ସତ୍ୟବ୍ରତ ଦିଗାଲ, ପ୍ରିୟବ୍ରତ ବେହେରା ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ।

# ବୁଗୁଡ଼ା ଓକିଲ ସଂଘର ଆଲୋଚନାଚକ୍ର

ବୁଗୁଡ଼ା,୩୦।୬(କାଳିଚରଣ ଦାଶ)

ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଉପସଭାପତି ସରୋଜ କୁମାର ଦାଶଙ୍କ ପୌରୋହିତ୍ୟରେ ବାର୍ ଆସୋସିଏଶନ ହଲ୍ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ପହିଲାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଫୌଜଦାରି ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ପରିବର୍ତ୍ତିତ ନୂତନ ଆଇନରେ ସାମାଜିକ ନ୍ୟାୟକୁ ପ୍ରାଧାନ୍ୟ ଦିଆଯାଇଥିବା ନେଇ ମତ ପ୍ରକାଶ ପାଇଥିଲା। ଉକ୍ତ ଆଲୋଚନାଚକ୍ର କାଳରେ ଆଇନଜୀବୀ ସରୋଜ ସାହୁ, ହର ପ୍ରସାଦ ଦାଶ, ରବୀନ୍ଦ୍ର ପଣ୍ଡା, ଅମର ପଟ୍ଟନାୟକ ଓ ସୁଜିତ ସ୍ୱାଇଁ ପ୍ରମୁଖ ମତ ଉପସ୍ଥାପନ କରିଥିଲା ବେଳେ ଅନ୍ୟ ଓକିଲମାନେ ଏଥିରେ ଉପସ୍ଥିତ ରହିଥିଲେ। ଶେଷରେ ସମ୍ପାଦକ ଦୁର୍ଗା ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ମୋହନା ଯାତ୍ରୀ ବିଶ୍ରାମାଗାର




ମୋହନା,୩୦।୬(ମନ୍ମଥ ମିଶ୍ର)

ଭୁତ କୋଠି ପାଲଟିଛି ଗଜପତି ଜିଲା ମୋହନାର ମୁଖ୍ୟ ବଜାରର ଯାତ୍ରୀ ବିଶ୍ରାମାଗାର। ଏଠାରେ ଯାତ୍ରୀଙ୍କ ପାଇଁ ରାତ୍ରୀରେ ଆଲୋକ ନାହିଁ କିମ୍ବା ପିଇବା ପାଣିର ବ୍ୟବସ୍ଥା ନାହିଁ, ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ରାତ୍ରିରେ ବଜାରର ଦୋକାନ ବଜାର ବନ୍ଦ ପରେ ବିଶ୍ରାମାଗାରରେ ମଦୁଆଙ୍କ ଭିଡ଼ ଜମୁଛି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଆସୁଛି କିନ୍ତୁ ମୋହନାରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ। ଅନ୍ୟପକ୍ଷରେ ସନ୍ଧ୍ୟା ହେଲେ ଗାଈ, ଗୋରୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଏହି ବ୍ଲକରେ ୩୯ ପଞ୍ଚାୟତ ରହିଥିବା ବେଳେ ମୋହନା ଏକ ବ୍ୟବସାୟର ପେଣ୍ଠସ୍ଥଳୀ। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ବ୍ଲକ, ତହସିଲ, ଥାନା, କୋର୍ଟ, ସ୍କୁଲ, କଲେଜ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟରେ ମୋହନା ବଜାରକୁ ଯାତାୟାତ କରିଥାନ୍ତି। ଏହି ବିଷୟରେ ମୋହନା ସରପଞ୍ଚ ସୁନିତା ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲା, ଶୀଘ୍ର ବିଡିଓଙ୍କ ସହ ଯୋଗାଯୋଗ କରି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ଆକ୍ରମଣରେ ଯୁବକଙ୍କ ଆଖି ନଷ୍ଟ ଘଟଣା, ୨ ଭାଇ ଗିରଫ

ବ୍ରହ୍ମପୁର,୩୦ା୬ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ସ୍ଥିତ ବାଲ୍ୟ ଠାକୁରାଣୀ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣା ଘଟାଇବା ପରେ ଫେରାର ହୋଇଯାଇଥିବା ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।ସେମାନେ ହେଲେ ସଦର ଥାନା ଗୁଣ୍ଡବନ୍ଧ ଗ୍ରାମର ସଞ୍ଜୟ ଜେନା (୨୭)ଓ ତାଙ୍କ ସାନ ଭାଇ ସତ୍ୟବାନ ଜେନା(୨୪) । ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୨୮ତାରିଖ ରାତିରେ ଗୁଣ୍ଡବନ୍ଧର ଗୁଞ୍ଜନ ଜେନାଙ୍କୁ ଉକ୍ତ ଦୁଇ ଭାଇ ଅଟକାଇଥିଲେ। ତାଙ୍କ ସହ ଝଗଡା କରିବା ସହ ତାଙ୍କୁ ସେଠାରେ ଆକ୍ରମଣ କରିଥିଲେ। ଗୁଞ୍ଜନଙ୍କ ଆଖିରେ ଗଭୀର ଆଘାତ ଲାଗିବା ସହ ତାଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଗୁଞ୍ଜନଙ୍କ ବାପା ନାରାୟଣ ଜେନା ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୬୦ ହଜାର ହେକ୍ଟର ଜମିକୁ ମିଳିବ କେନାଲ ପାଣି

ବ୍ରହ୍ମପୁର,୩୦ା୬(ଅଶୋକ କୁମାର ସାହୁ)


ଘୋଡାହାଡ ଜଳଭଣ୍ଡାର।

ଜଳସମ୍ପଦ ବିଭାଗ ଅଧୀନରେ ଥିବା ବ୍ରହ୍ମପୁର ଜଳସେଚନ ବିଭାଜନ ପକ୍ଷରୁ ଚଳିତବର୍ଷର ଖରିଫ ଖସଡା ପ୍ରସ୍ତୁତ ହୋଇଛି। ଏବର୍ଷ ୬୦ ହଜାର ହେକ୍ଟର ଜମିକୁ କେନାଲ ପାଣି ଯୋଗାଇ ଦିଆଯିବା ଯୋଜନା ରହିଛି। ତେବେ ଜୁନ ୩୦ ସୁଦ୍ଧା ବର୍ଷାର ପରିମାଣ ସେଭଳି ବଢ଼ିନାହିଁ। ତଥାପି ବିଭାଜନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବର୍ଷା ନ ହେଲେ ଖରିଫ ଫସଲ ଉଜୁଡ଼ିବା ଆଶଙ୍କା ରହିଛି ବୋଲି ବିଭାଜନ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି।

ବିଶେଷକରି ଜଳସେଚନ ବ୍ୟବସ୍ଥା ପାଇଁ ବିଭାଜନ ଅଧୀନରେ ରଷିକୁଲ୍ୟା, ଧନେଇ, ବାଘୁଆ ଓ ଘୋଡାହାଡ ଜଳ ଭଣ୍ଡାର ରହିଛି। କିନ୍ତୁ ସମସ୍ତ ଜଳଭଣ୍ଡାର ଏବେ ସୁଦ୍ଧା ଶୁଖିଲା ପଡ଼ିଛି। ଗତବର୍ଷ ଏହି ସମୟ ବେଳକୁ ଗଞ୍ଜାମ ଜିଲାରେ ମୋଟ ୧୭୪୯.୧ ମିମି ବର୍ଷା ହୋଇଥିଲା। ଯଦି ବ୍ଲକଗୁଡିକ ଦେଖାଯାଏ ହାରାହାରି ପ୍ରତି ବ୍ଲକରେ ୭୯.୫୦ ମିମି ବର୍ଷା ହୋଇଥିଲା। କିନ୍ତୁ ଚଳିତବର୍ଷ ଜୁନ ମାସରେ କାଁ ଭାଁ ବର୍ଷା ହୋଇଛି। ଅନେକ ସ୍ଥାନରେ ତଳି ବୁଣିବାକୁ ବି ବର୍ଷା ନିଅଣ୍ଟ ହୋଇଥିବା ଚାଷୀମାନେ କହୁଛନ୍ତି। ତଥାପି ଯେନତେନ ପ୍ରକାରେ ତଳି ବୁଣା ସରିଛି। ତଳି ବଡ଼ ହେଲେ ଚାଷୀ ଧାନ ରୋଇବା ପାଇଁ ଯୋଜନା କରିଥିବାବେଳେ ପାଣି ନିହାତି ଦରକାର। ବିଭାଗ ପକ୍ଷରୁ ଉପରୋକ୍ତ ୪ ଜଳଭଣ୍ଡାରରୁ ବାହାରିଥିବା କେନାଲଗୁଡିକ ବର୍ଷା ଋତୁ ପୂର୍ବରୁ ସଫା କରାଯାଇଛି। ଏବେ ବି କେତେକ କେନାଲ ସଫା ଚାଲିଛି। ଧରାକୋଟ ନିକଟ ଜାନିବିଲି ପ୍ରକଳ୍ପରୁ ସହରରେ ପାନୀୟ ଜଳ ଯୋଗାଣ ପାଇଁ ପାଣି ଦିଆଯାଉଥିବା ବେଳେ ଜଳସେଚନ ପାଇଁ ବି ବ୍ୟବସ୍ଥା ରହିଛି। ତେବେ ଜମିକୁ ହେଲା ଭଳି ପାଣି ଉକ୍ତ ଜଳଭଣ୍ଡାରରେ ନାହିଁ। ସେହିପରି ପୋଲସରା ନିକଟରେ ଥିବା ଧନେଇ

**ବ୍ରହ୍ମପୁର ଜଳସେଚନ ବିଭାଜନର ଖରିଫ ଖସଡ଼ା**

ଜଳଭଣ୍ଡାର, ଦିଗପହଣ୍ଡି ନିକଟରେ ଥିବା ଘୋଡାହାଡ ଓ କରଚୁଲି ନିକଟରେ ଥିବା ବାଘୁଆ ଜଳଭଣ୍ଡାରରେ ମଧ୍ୟ ଯଥେଷ୍ଟ ପାଣି ନାହିଁ। ଏପଟେ ଆସନ୍ତା ୨୦ ତାରିଖରେ କେନାଲରେ ପାଣି ଛାଡ଼ିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଛି। ଏହି ୪ ଜଳଭଣ୍ଡାର ଉପରେ ଚାଷୀ ନିର୍ଭରଶୀଳ ହୋଇପଡିଥିବାବେଳେ ଏତେ ଜମିକୁ ପାଣି କିଭଳି ଯୋଗାଇ ଦିଆଯିବ ସେଥିନେଇ ଜଳସେଚନ ବିଭାଜନର ଚିନ୍ତା ପଶିଯାଇଛି। ତେବେ ସୋରଡା ଓ ଦାରିଙ୍ଗବାଡି ଅଞ୍ଚଳରେ ଯଦି ପ୍ରବଳ ବର୍ଷା ହୁଏ ତେବେ ଏହି ଜଳଭଣ୍ଡାରଗୁଡିକ ପୂର୍ଣ୍ଣ ହେବ। ପରେ ଚାଷୀଙ୍କୁ ସୁବିଧା ମିଳିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଜୟଦୀପ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ବର୍ତ୍ତମାନ ସବୁ ଜଳଭଣ୍ଡାରର ସ୍ଥିତି ଦୟନୀୟ ହୋଇପଡିଛି। ବର୍ଷାକୁ ସମସ୍ତେ ଅନାଇ ରହିଛନ୍ତି। ବିଭାଜନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପାଣି ହେଲେ ଛଡାଯିବାକୁ ଯୋଜନା ରହିଛି। ଚଳିତବର୍ଷ ୬୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବା ଲକ୍ଷ୍ୟଧାର୍ଯ୍ୟ ହୋଇଛି।

# ହଟାଇବାକୁ ଭାଜପା ନେତାଙ୍କ ଦାବି

**ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାର୍ଶ୍ୱରେ ମଦ ଦୋକାନ**

ବ୍ରହ୍ମପୁର,୩୦ା୬(ନରସିଂହ ସାହୁ)

ବ୍ରହ୍ମପୁରସ୍ଥ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାର୍ଶ୍ୱରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି । ତାହା ପୁଣି ପୌର ଅତିଥି ଭବନ ଓ କଲ୍ୟାଣ ମଣ୍ଡପ ଜାଗାରେ। କୌଣସି ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ଖୋଲା ନ ଯିବା ନିୟମ ଥିବା ବେଳେ ଏହାକୁ ଉଲଂଘନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) କିଭଳି ଅନୁମତି ଦେଲା ତାହା ପ୍ରଶ୍ନବାଚୀ ହୋଇଛି। ଏହା ବିଦ୍ୟାର୍ଥୀଙ୍କ ମଧ୍ୟରେ କୁପ୍ରଭାବ ପକାଇବାର ନିଶ୍ଚିତ ହୋଇଥିବାରୁ ତୁରନ୍ତ ବନ୍ଦ କରିବାକୁ ଭାଜପା ନେତା ତଥା ଓଡ଼ିଶା ବାର କାଉନସିଲ ସଦସ୍ୟ ଏବଂ ଖଲ୍ଲିକୋଟ କଲେଜର ପ୍ରାକ୍ତନ ଛାତ୍ର ସଂସଦ ସମ୍ପାଦକ ପୀତବାସ ପଣ୍ଡା ଦାବି କରିଛନ୍ତି। ନଚେତ ଆନ୍ଦୋଳନ ସହ ଆଇନର ଆଶ୍ରୟ ନିଆଯିବ ବୋଲି କହିଛନ୍ତି।

ଏକ ପ୍ରେସ୍ ବିବୃତିରେ ପଣ୍ଡା ସୂଚାଇଛନ୍ତି, ଜନସାଧାରଣଙ୍କୁ ସୁବିଧାରେ ସେବା ଯୋଗାଇବାକୁ ପୂର୍ବ ପୌର ପରିଷଦ ଅମଳରେ ଖଲ୍ଲିକୋଟ ମହାବିଦ୍ୟାଳୟ ପାଖରେ ପୌର ଅତିଥି ଭବନ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା। ୩ ବର୍ଷ ତଳେ ଏହି ୨ ଅନୁଷ୍ଠାନକୁ ସରକାରୀ ଅଧିକାରୀମାନେ ଲିଜ୍ ସୂତ୍ରରେ ଘରୋଇ ମାଲିକାନାକୁ ଟେକି ଦେଇଥିଲେ। ଲିଜ୍‌ଧାରୀ ବେନିୟମ ଭାବେ କଲ୍ୟାଣ ମଣ୍ଡପ ଓ ଅତିଥି ଭବନ ଭଡ଼ା ବୃଦ୍ଧି କରିଛନ୍ତି। ଏବେ ସେହି ପରିସରରେ ମଦ ଦୋକାନ ଖୋଲିଛନ୍ତି। କେବଳ ସେତିକି ନୁହେଁ ଗେଷ୍ଟ ହାଉସ ନାମ ମଧ୍ୟ ବଦଳାଇଛନ୍ତି। ବ୍ରହ୍ମପୁର ଐତିହ୍ୟ କୁହାଯାଉଥିବା ଅତିଥି ଭବନ କାହିଁକି ଘରୋଇ ମାଲିକାନାକୁ ଦିଆଗଲା ଏବଂ କ'ଣ ସର୍ତ୍ତ ରଖାଯିବା ସହ ବାର୍ଷିକ କେତେ ଟଙ୍କା ନିଗମ ପାଉଛି ସେହି ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାକୁ ଭାଜପା ନେତା ପଣ୍ଡା ଦାବି କରିଛନ୍ତି।

# ପ୍ରଥମ ଦିନରେ ୨୨ ନାମାଙ୍କନ ଦାଖଲ

ବ୍ରହ୍ମପୁର,୩୦ା୬ (ସୁବାସ ଚନ୍ଦ୍ର ପାଢ଼ୀ)

**ହାବିଲଦାର-କନଷ୍ଟେବଲ ସଂଘ ନିର୍ବାଚନ**

ଜୁଲାଇ ୨୫ ତାରିଖରେ ହେବାକୁ ଥିବା ବ୍ରହ୍ମପୁର ପୋଲିସ ଜିଲାର ହାବିଲଦାର–କନଷ୍ଟେବଲ ସଂଘ ନିର୍ବାଚନ ପାଇଁ ରବିବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନ ସଂଘର ପ୍ରାୟ ୨୨ ଜଣ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ଭରିଛନ୍ତି। ଗୋଟିଏ ଗୋଷ୍ଠୀରୁ ସଭାପତି ପଦବୀ ପାଇଁ ନୟନ ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ଶ୍ରୀକାନ୍ତ ପଣ୍ଡା,ସମ୍ପାଦକ ପ୍ରଶାନ୍ତ କୁମାର ମାଝୀ,ସହ ସମ୍ପାଦକ–୧ ଘନଶ୍ୟାମ ବେହେରା , ସହ ସମ୍ପାଦକ–୨ କୁନାଲ ମଲ୍ଲିକ, କୋଷାଧ୍ୟକ୍ଷ ଏ ଶ୍ରୀନିବାସ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସୁନନ୍ଦ ପଣ୍ଡା, ଶରତ ଚନ୍ଦ୍ର ପ୍ରଧାନ, ମାମା ମହାନ୍ତି, ଉତ୍ସବ ପାଣିଗ୍ରାହୀ ଓ ବାସୁମତି ଭୂୟାଁ ନାମାଙ୍କନ ଭରିଛନ୍ତି। ସେହିଭଳି ଅନ୍ୟ ଗୋଷ୍ଠୀରୁ ସଭାପତି ପଦ ପାଇଁ ସଭାପତି କାଳୀଚରଣ ଷଡ଼ଙ୍ଗୀ, ଉପସଭାପତି କାହ୍ନା ଡାକୁଆ, ସମ୍ପାଦକ କେ.ଶ୍ରୀନିବାସ ପାତ୍ର, ସହ ସମ୍ପାଦକ–୧ ହର ମହାକୁଡ଼, ସହ ସମ୍ପାଦକ–୨ ଚନ୍ଦନ ବେହେରା, କୋଷାଧ୍ୟକ୍ଷ ମଙ୍ଗୁଲୁ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଆର. ସୂରୟା ରାଓ, ବିଲୁ ମିଶ୍ର, ସଦାଶିବ ପାତ୍ର,ରଞ୍ଜିତ ଭୂୟାଁ, ଟୁକୁନା ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି। ରିଟର୍ଣ୍ଣିଂ ଅଫିସର ତଥା ନିର୍ବାଚନ ପରିଚାଳନା ପାଇଁ ପିସିଆର ସେଲର ଡିଏସପି ବିଶ୍ୱଜ ରାଉତରାୟଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ ହୋଇଥିଲା ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ଆଜି

ବ୍ରହ୍ମପୁର, ୩୦ା୬(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ବ୍ରହ୍ମପୁର ଗସ୍ତରେ ଆସୁଛନ୍ତି। ମନ୍ତ୍ରୀପଦ ଦାୟିତ୍ୱ ମିଳିବା ପରେ ଏହା ହେଉଛି ତାଙ୍କର ପ୍ରଥମ ବ୍ରହ୍ମପୁର ଗସ୍ତ। ଏଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ସକାଳ ସାଢ଼େ ୧୦ଟାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଟାଉନ ହଲ୍‌ରେ ହେବାକୁ ଥିବା ଡାଇରିଆ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପରେ ଏମ୍‌କେସିଜି ମେଡିକାଲ କଲେଜରେ ଡାକ୍ତର ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। ଏହା ସହିତ ମେଡିକାଲର ଚିକିତ୍ସା ସେବା ଉପରେ ସମୀକ୍ଷା କରିବେ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି।

# ପୋଖରୀରେ ମିଶୁଛି ଶୌଚାଳୟ ପାଣି

ବ୍ରହ୍ମପୁର,୩୦ା୬(ସ୍ମୃତି ରଞ୍ଜନ ମହାଲିକ)

ସହରବାସୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରତି ୱାର୍ଡରେ ଆମ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ସେଗୁଡିକ ଠିକ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ମଇଳା ପାଣି ପୋଖରୀକୁ ଦୂଷିତ କରୁଥିବା ଅଭିଯୋଗ ହୋଇଛି। ବିଏମସିର ୯ ନଂ.ୱାର୍ଡ ଗଣେଶ ନଗରଠାରେ ଥିବା ଆମ ଶୌଚାଳୟରେ ଏଲଭି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ଶୌଚାଳୟଟି ନିର୍ମାଣ କରାଯିବାର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହୋଇପାରି ନାହିଁ। ସେଥିରୁ ନିଷ୍କାସିତ ମଇଳା ପାଣି ପାଇଁ ଏକ ଟ୍ୟାଙ୍କ ନିର୍ମାଣ କରାଯାଇଛି। ତଥାପି ଉକ୍ତ ମଇଳା ଜଳ ରାସ୍ତାରେ ଭାସୁଛି। ଶୌଚାଳୟ ସମ୍ମୁଖ ଜଗବନ୍ଧୁ ପୋଖରୀ ମଧ୍ୟରେ ଏହି ମଇଳା ପାଣି ପ୍ରବେଶ କରୁଛି। ବର୍ତ୍ତମାନ ବିକାଶ ପାଇଁ ପୋଖରୀ ଖୋଳା କାର୍ଯ୍ୟ ସରିଛି। ଯଦି ଏହା ଜାରି ରହେ ଆଗାମୀ ଦିନରେ ଏଠାରେ ଗାଧୋଇଲେ ନାନା ସଂକ୍ରମଣ ରୋଗ ସାଙ୍ଗକୁ ଚର୍ମ ରୋଗ


ଶୌଚାଳୟ ସମ୍ମୁଖ ରାସ୍ତା।

ହେବା ସମ୍ଭାବନା ରହିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଶୌଚାଳୟ ସମ୍ମୁଖ ରାସ୍ତାଟି ଜଗବନ୍ଧୁ ସାହି, ଫାଷ୍ଟ ଗେଟ ଓ ବାଲୁଙ୍କେଶ୍ୱର ମନ୍ଦିରକୁ ଯିବା ପାଇଁ ପ୍ରଯୁଜ୍ୟ ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ବାସିନ୍ଦାମାନେ ବାଲୁଙ୍କେଶ୍ୱର ମନ୍ଦିରକୁ ଯାଇଥାନ୍ତି। କିନ୍ତୁ ରାସ୍ତା ଉପରେ ମଇଳା ପାଣି ଭାସୁଥିବାରୁ ଉକ୍ତ ରାସ୍ତା ଦେଇ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ବର୍ଷାଦିନେ ରାସ୍ତା ଦୟନୀୟ ହୋଇ ପଡୁଛି। ଫଳରେ ବହୁ ବାଇକ ଚାଳକ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର କର୍ପୋରେଟରଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କହିଛନ୍ତି। ଏ ନେଇ କର୍ପୋରେଟର ସନ୍ତୋଷ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କେଉଁ ସ୍ଥାନରୁ ମଇଳା ପାଣି ନିର୍ଗତ ହେଉଛି ତାହାର ତଦାରଖ କରାଯିବ। ଏ ନେଇ ନିଗମର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯିବ। ଖୁବ ଶୀଘ୍ର ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି।

# ଦାରୁ ଦେବତା ଗ୍ରନ୍ଥ ଜଗନ୍ନାଥ ଗବେଷଣାର କେନ୍ଦ୍ରବିନ୍ଦୁ

ବ୍ରହ୍ମପୁର,୩୦ା୬(ସ୍ମୃତି ରଞ୍ଜନ ମହାଲିକ)

ଶ୍ରୀଜଗନ୍ନାଥ ହେଉଛନ୍ତି ଅଖିଳ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା। ଜଗନ୍ନାଥ ଉଭୟ ବେଦୋକ୍ତ ଓ ଲୋକ ଦେବତା ରୂପେ ସମଗ୍ର ବିଶ୍ୱରେ ଅତୁଲ୍ୟ ପରିଚିତ ଲାଭ କରିଛନ୍ତି। ଜଗନ୍ନାଥଙ୍କ ସୃଷ୍ଟି ଓ ଜଗନ୍ନାଥ ଚେତନାର ବିଶେଷତା ସଂପର୍କରେ ଅନେକ ଗବେଷଣା ହୋଇଛି। କିନ୍ତୁ ଗବେଷକ ଡ ବେଣୀମାଧବ ପାଢ଼ିଙ୍କ ଗବେଷଣା ଗ୍ରନ୍ଥ ଦାରୁ ଦେବତାରେ ପ୍ରତିପାଦିତ ତଥ୍ୟ ଓ ତତ୍ତ୍ୱକୁ ଆଜି ଯାଏଁ କେହି ଅତିକ୍ରମ କରିନାହାନ୍ତି ଓ ତାଙ୍କ ପ୍ରଣୀତ ଦାରୁ ଦେବତା ଗ୍ରନ୍ଥ ଜଗନ୍ନାଥ ଗବେଷଣାର କେନ୍ଦ୍ର ବିନ୍ଦୁ ବୋଲି ଓଡିଆ ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା କଳିଙ୍କ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ଡ. ବେଣୀମାଧବ ପାଢ଼ି ସ୍ମାରକୀ ବକ୍ତୃତାମାଳା ଉଦଘାଟନୀ ଅବସରରେ କହିଥିଲେ। ଉତ୍କଳ ଆଶ୍ରମ ସଭା ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ଗଞ୍ଜାମ ଜିଲା ସଦସ୍ୟ ଡ ସିଦ୍ଧାର୍ଥ ଶଙ୍କର ପାଢ଼ି ପୌରୋହିତ୍ୟ କରିଥିଲେ। ସାହିତ୍ୟ ସମାଜର ସଂପାଦକ ଡ ଶରତ କୁମାର ଜେନା ସଂଯୋଜନା କରିଥିଲେ। ଡ ହୃଷିକେଷ ପଣ୍ଡା ପ୍ରଶସ୍ତି ପତ୍ର ପାଠ କରିଥିଲେ। ଏହି ଅବସରରେ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ୩ୟ ଡ. ବେଣୀ ମାଧବ ପାଢ଼ି ସ୍ମୃତି ଚାରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ ବେଣୀ ମାଧବ ପାଢ଼ିଙ୍କ ଝିଅ ଡ ସୂଚନା ପାଢ଼ି ଓ ଡ ସ୍ୱସ୍ତିକା ପାଢ଼ି ବାପାଙ୍କ ସ୍ମୃତି ଚାରଣ କରିଥିଲେ। ସାହିତ୍ୟ ସମାଜର ଉପସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ି, ଡ ପ୍ରଫୁଲ୍ଲ କୁମାର ମହାନ୍ତି, ଡ ହରିକୃଷ୍ଣ ନାୟକ ଓ ଡ ବିଦ୍ୟୁତ ପ୍ରଭା ସାହୁ ପ୍ରମୁଖ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧା ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅନୁପ କୁମାର ମିଶ୍ର, ଡ ସଞ୍ଜୟ କୁମାର ପଣ୍ଡା ଓ ଡ ଅଶୋକ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡଳ କାରାଗାରରେ ଖୁବ୍‌ଶୀଘ୍ର ପିଏମ୍‌ଏସ୍ ବ୍ୟବସ୍ଥା

ବ୍ରହ୍ମପୁର, ୩୦ା୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ପିଏମଏସ (ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ) ବ୍ୟବସ୍ଥା। ଏହି ପିଏମଏସ ହେଉଛି ଏକ ସ୍ୱତନ୍ତ୍ର ଆପ୍। ଯାହା ଜରିଆରେ ଜେଲର ସମସ୍ତ କଏଦୀଙ୍କ ଅପରାଧ ରେକର୍ଡ ଡିଜିଟାଲ ମାଧ୍ୟମରେ ସଂରକ୍ଷିତ ରଖାଯାଇ ପାରିବ। ଗୋଟିଏ କ୍ଲିକରେ କଏଦୀଙ୍କ ପୂରା ତଥ୍ୟ ସ୍କ୍ରିନରେ ଆସିଯିବ। ଫଳରେ ପେପର୍ ବ୍ୟବହାର ମଧ୍ୟ କମିବ। ପିଏମ୍‌ଏସ ବ୍ୟବସ୍ଥା ଲାଗୁ ହେବା ପରେ ପ୍ରତ୍ୟେକ ୱାର୍ଡରେ କଏଦୀଙ୍କ ପାଇଁ ବାୟୋମେଟ୍ରିକ ମେଶିନ ରହିବ। ସେହି ମେଶିନରେ ଫିଙ୍ଗରପ୍ରିଣ୍ଟ ଦେବା ପରେ ଜଣେ କଏଦୀ ୱାର୍ଡ ବାହାରକୁ ବାହାରି ପାରିବେ। ବିନା ଅନୁମତିରେ ବାହାରକୁ ବାହାରିଲେ ତୁରନ୍ତ ଜେଲରଙ୍କ ନିକଟକୁ ପିଏମଏସ ଆପ ଜରିଆରେ ସୂଚନା ପହଞ୍ଚିଯିବ। ସେହିପରି ପ୍ରତ୍ୟେକ ୱାର୍ଡରେ ଏକ ସ୍ୱତନ୍ତ୍ର ସୁଇଚ୍ ରହିବ। କୌଣସି ସମୟରେ ୱାର୍ଡ ଭିତରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା କିଛି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଲେ, ସେହି ସୁଇଚ୍ ଟିପି କଏଦୀମାନେ ଅଧିକାରୀଙ୍କୁ ଜଣାଇ ପାରିବେ। ଜେଲର କର୍ମଚାରୀମାନଙ୍କ ପାଇଁ ମଧ୍ୟ ଏହି ଆପ୍ ବ୍ୟବହାର ହେବ। ପ୍ରତ୍ୟେକ କର୍ମଚାରୀ ବାୟୋମେଟ୍ରିକ ବ୍ୟବସ୍ଥାରେ ନିଜର ଉପସ୍ଥାନ ପକାଇବେ। ଯଦି କୌଣସି କର୍ମଚାରୀ ତାଙ୍କର ଡ୍ୟୁଟିରେ ଅନୁପସ୍ଥିତି ରହୁଛନ୍ତି, ତେବେ ତୁରନ୍ତ ସେହି ସୂଚନା ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚିଯିବ। ଖୁବଶୀଘ୍ର ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ବ୍ରହ୍ମପୁର ମଣ୍ଡଳକାରାଗାରର ଅଧିକ୍ଷକ ଧୀରେନ୍ଦ୍ରନାଥ ବାରିକ ସୂଚନା ଦେଇଛନ୍ତି।

# ଜିଲା ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ



ସନ୍ତରଣ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ।

ବ୍ରହ୍ମପୁର,୩୦ା୬(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ରବିବାର ତୃତୀୟ ଗଞ୍ଜାମ ଜିଲା ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ସନ୍ତରଣ ସଂଘ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଂଘର ସଭାପତି ଡ. ଅନିତା ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ୪୦ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥି ମଧ୍ୟରେ ଥିଲେ ୮ ବାଳିକା ଓ ୩୨ ବାଳକ। ବିଭିନ୍ନ ବର୍ଗରେ ବିଜେତାଙ୍କୁ ପୁରସ୍କୃତ କରଯାଇଥିଲା। ସେମାନେ ଆସନ୍ତା ୮ ଓ ୯ ତାରିଖରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସାମିଲ ହେବେ। ଗତ ବର୍ଷ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପଦକ ଆଣିଥିଲେ। ତେଣୁ ଚଳିତ ଥର ମଧ୍ୟ ଏହି ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାରୁ ଭଲ ଖେଳାଳି ବାହାରିବେ ଓ ରାଜ୍ୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବେ ବୋଲି ଆଶା ଥିବା ଆୟୋଜକ କହିଛନ୍ତି । ଉଦ୍‌ଯାପନୀରେ ସଂଘର ସମ୍ପାଦକ କେ ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ଇ ଲଳିତ କୁମାର, ଆଇନ ଉପଦେଷ୍ଟା ପ୍ରଭାତି ସୁଆର, ସୁଦୀପ୍ତା ଖୁଣ୍ଟିଆ, ସୁନିତା ପାତ୍ର, ବାସୁ ନାହାକ, ଜେଏସଡବ୍ଲୁ ମୁଖ୍ୟକୋଚ ଏହସାନ ହୁସେନ, ଦୀପକ କୁମାର ନାୟକଙ୍କ ସମେତ ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ମୃତିରେ ସ୍ମରଣିକା ଉନ୍ମୋଚିତ




ବ୍ରହ୍ମପୁର,୩୦ା୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ପ୍ରମୋଦ କୁମାର ସାହୁଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର ହିଲପାଟଣା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଏନ. ସି ପାଢ଼ି, ଡ ଜଗନ୍ନାଥ ପଣ୍ଡା, ଡ ରମେଶ ଚନ୍ଦ୍ର ତ୍ରିପାଠୀ, ଡ ସୁଧାଂଶୁ ପତି, ଡ ଆଲତାଫ ଖାଁ ଓ ଡ ବିଷ୍ଣୁ ଚରଣ ଚୌଧୁରୀ ଯୋଗ ଦେଇଥିଲେ। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ପ୍ରାଧ୍ୟାପକମାନେ ଯୋଗ ଦେଇଥିଲେ। ଏଥିସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ସହକାରୀ ଭାରତୀ, ଭାରତ ବିକାଶ ପରିଷଦ ଓ ସରସ୍ୱତୀ ବିଦ୍ୟା ମନ୍ଦିରର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରାଯାଇଥିଲା। ତାଙ୍କ ଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ପାଇବା ଆଜିର ଦିନରେ ବିରଳ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ସେ ବ୍ୟକ୍ତି ନୁହେଁ, ଜଣେ ଅନୁଷ୍ଠାନ ଥିଲେ। ତାଙ୍କର ପ୍ରଚେଷ୍ଟାରେ ଓଡିଶାର ବାଣିଜ୍ୟ କ୍ଷେତ୍ରରେ ବିକାଶ ହେବା ସହ ସେ ଖ୍ୟାତି ଅର୍ଜନ ମଧ୍ୟ କରିଛନ୍ତି। ସେଭଳି ବ୍ୟକ୍ତିତ୍ୱଙ୍କୁ ଆଜିର ସମାଜ ଅନୁସରଣ କରି କାର୍ଯ୍ୟରେ ଲଗାଇଲେ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସ୍ମୃତିରେ ନାମକ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ହୃଷୀକେଶ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ସ୍ୱର୍ଗତ ସାହୁଙ୍କ ପୁଅ ପ୍ରଦୀପ ସାହୁ ଓ ପୁତୁରା ପ୍ରକାଶ ସାହୁ ପରିଚାଳନା କରିଥିଲେ। ଅଭିନାଶ ସାହୁ ଧନ୍ୟବାଦ ଦେଇଥିଲେ।

# ଏମ୍‌କେସିଜିରେ କାର୍ଯ୍ୟକ୍ଷମ ହେଉନି ନୂତନ ଇନ୍‌ସିନେରେଟର

ବ୍ରହ୍ମପୁର, ୩୦ା୬(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲର ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟରୁ ବାହାରୁଥିବା ଧୂଆଁ ଏବେ ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି। ମେଡିକାଲ ନିକଟରେ ଥିବା ଗୃହଗୁଡିକୁ ଏହି ଧୂଆଁ ଯାଉଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଅଭିଯୋଗ ବି ଦିନକୁ ଦିନ ବଢ଼ିବାରେ ଲାଗିଛି । ଏମ୍‌କେସିଜିର ବିଭିନ୍ନ ବିଭାଗରୁ ଦୈନିକ ୧ କୁଇଣ୍ଟାଲ ଜୈବ ବର୍ଜ୍ୟବସ୍ତୁ ବାହାରୁଛି। ଏହାକୁ ଭସ୍ମ କରିବା ପାଇଁ ୧୮ବର୍ଷ ତଳେ ୮୦ ଲକ୍ଷ ଟଙ୍କା ବ୍ୟୟରେ ମେଡିକାଲ ପରିସରରେ ସ୍ଥାପନ ହୋଇଥିଲା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ । ଏହି ପ୍ଲାଣ୍ଟ ଭିତରେ ଥିବା ଇନସିନେରେଟର ଜରିଆରେ ଦୈନନ୍ଦିନ ବାହରୁଥିବା ଜୈବ ବର୍ଜ୍ୟବସ୍ତୁକୁ ଭସ୍ମୀଭୂତ କରାଯାଉଛିଃ। ସେଥିରୁ ଦିନରାତି ବିଷାକ୍ତ ଧୂଆଁ ବାହାରୁଛି । ଏହି ବିଷାକ୍ତ ଧୂଆଁ ଅଞ୍ଚଳରେ ଅସନ୍ତୋଷ ବଢାଇବାରେ ଲାଗିଛି। ଇନସିନେରେଟର ସହ ସଂଯୁକ୍ତ ହୋଇଥିବା ଚିମିନିର ଉଚ୍ଚତା ଆଖାପାଖ ଅଞ୍ଚଳର ଲୋକଙ୍କ ଘରର ଉଚ୍ଚତାଠାରୁ କମ ରହିଥିବାରୁ ସେଥିରୁ ବାହାରୁଥିବା ଧୂଆଁ କିଛି ଲୋକଙ୍କ ଘର ତଥା ଛାତ ଉପରେ ଦେଇ ଉଡୁଛି । ଯାହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟହାନୀର କାରଣ ପାଲଟୁଛି। ଏପରିକି ଅଞ୍ଚଳବାସୀଙ୍କ ମନରେ ଶ୍ୱାସରୋଗ ହେବାର ଆଶଙ୍କା ବଢ଼ିବାରେ ଲାଗିଛି । ଅନ୍ୟପଟେ ଏହି ପ୍ଲାଣ୍ଟ ଚିମିନିର ଉଚ୍ଚତା ବୃଦ୍ଧି କରିବାକୁ ସ୍ଥାନୀୟ ଅଞ୍ଚଳର ଏକାଧିକ ବ୍ୟକ୍ତି ବଡ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗଜପତିନଗରର ବାସିନ୍ଦା


ଇନସିନେରେଟର ମେଶିନ

ବିଭୁପ୍ରସାଦ ପାଣିଗ୍ରାହୀ, ଅନିଲ କୁମାର ପ୍ରଧାନ, ଶୁଭମ ଜେନାଙ୍କ ସମେତ ବହୁ ଲୋକ ଭିନ୍ନ ଭିନ୍ନ ସମୟରେ ସୋସିଆଲ ମିଡିଆରେ ଏମକେସିଜି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିସାରିଛନ୍ତି। ତେବେ କେଉଁ ସ୍ୱାର୍ଥରେ ଏହା କାର୍ଯ୍ୟକ୍ଷମ ହେଉନି ତାକୁ ନେଇ ସେମାନେ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ପାଇଁ ଲୋକେ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି। ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା . ସୁଚିତ୍ରା ଦାସ କହିଛନ୍ତି ଯେ, ଏହି ପ୍ଲାଣ୍ଟ ୨୦୦୫ରେ ସ୍ଥାପିତ ହୋଇଥିଲା। ସେତେବେଳେ ସେଠାରେ ସେତେଟା ଜନବସତି ନ ଥିଲା। ଜନଶୁଣାଣି ବେଳେ ନିକଟରେ ବାସ କରୁଥିବା ଲୋକମାନେ ଏ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ । ଏବେ ସେଠାରେ ଜନବସତି ଗଢି ଉଠିଛି । ପ୍ଲାଣ୍ଟରୁ ନିର୍ଗତ ଧୂଆଁକୁ ନେଇ ଅଞ୍ଚଳବାସୀ ପକ୍ଷରୁ ଅଭିଯୋଗ ହେଉଛି । ପ୍ଲାଣ୍ଟର ଢାଞ୍ଚା ପରିବର୍ତ୍ତନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ପ୍ଲାଣ୍ଟରେ ଖଞ୍ଜାଯାଇଥିବା ଚିମିନିର ଉଚ୍ଚତା ୩୫ ଫୁଟ ଥିବା ବେଳେ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ଏବେ ତାହାର ଉଚ୍ଚତା ୭୦ ଫୁଟ କରାଯାଇଛି। ଏଥିପାଇଁ ନୂତନ ଇନସିନେରେଟର ସିକନ ପଲିଟେକ ପ୍ରାଇଭେଟ ଲିମିଟେଡ, ଗୁଜରାଟକୁ ଏହି କାର୍ଯ୍ୟର ଟେଣ୍ଡର ଦିଆଯାଇଥିଲା। ଏହାର ଦାମ ୧ କୋଟି ୫ ଲକ୍ଷ ୨୩ ହଜାର ୭୫୦ ଟଙ୍କା ରହିଛି। ଗତ ୪–୮–୨୦୨୨ରେ କାମ ଆରମ୍ଭ ହୋଇଥିଲା। ୨୮–୨–୨୦୨୩ରେ କାମ ସରିଛି। ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

